**ପ୍ରିମିୟର ଲିଗ୍ ମ୍ୟାଚ ପାଇଁ ବୈଠକ**

ଦଶମନ୍ତପୁର,( ଡ଼ି.ଏନ.ଏ.)- କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ବିଜେଡି କାର୍ଯ୍ୟାଳୟରେ ସୋମବାର କୋରାପୁଟ ପ୍ରିମିୟମ ଲିଗ ମ୍ୟାଚ ଭଳି ଦଶମନ୍ତପୁରରେ ଆଗାମୀ ଦିନରେ ଲିଗ ମ୍ୟାଚ କରିବାକୁ ଏକ ବୈଠକ ଅନୁଷ୍ଠିତ ହୋଇଛି। ବିଜେଡି ବ୍ଲକ ସମ୍ପାଦକ ସୁରେଶ ସୁବୁଦ୍ଧି, ଅନନ୍ତ ଖରା, କାର୍ଯ୍ୟକାରୀ ସଭାପତି ରଘୁପତି ବିଶୋୟୀ, ଧନୁ ବିଶୋୟୀ, ଅରୁଣ ରଥନାୟକ, ସୂର୍ଯ୍ୟଚନ୍ଦ୍ର ବାଘ, ମହେନ୍ଦ୍ର କୁଳଦୀପଙ୍କ ସମେତ ୧୬ଟି ପଞ୍ଚାୟତର କର୍ମୀମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। କୋରାପୁଟ ପ୍ରିମିୟମ ଲିଗ ମ୍ୟାଚ ମାଧ୍ୟମରେ ଆସନ୍ତା ୯।୪।୨୧ ଏବଂ ୧୦।୪।୨୧ରେ ଏବଂ ଜୁନ ୧ ଓ ୨ରେ ଖେଳାଳିଙ୍କୁ ନେଇ ଫୁଟବଲ ମ୍ୟାଚ ଗିଲିଗୁମା ପଞ୍ଚାୟତରେ ହେବ। ଦଶମନ୍ତପୁରଠାରେ ୧୬ଟି ପଞ୍ଚାୟତର ୮ଟି ଟିମକୁ ନେଇ ଭଲିବଲ ମ୍ୟାଚ କରାଯିବାକୁ ବୈଠକରେ ନିଷ୍ପତ୍ତି ହୋଇଛି।



## ସଂକ୍ଷେପରେ

### ଘଣ୍ଟା ଘଣ୍ଟା ବିଦ୍ୟୁତ୍ କାଟ

ମୁନିଗୁଡ଼ା,୫।୪(ଡି.ଏନ୍.ଏ.)- ରାୟଗଡ଼ା ଜିଲା ମୁନିଗୁଡ଼ା ଅଞ୍ଚଳରେ ଘଣ୍ଟା ଘଣ୍ଟା ବିଦ୍ୟୁତ୍ କାଟ ଯୋଗୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରବଳ ଗ୍ରୀଷ୍ମପ୍ରବାହ ଯୋଗୁ ଲୋକେ ଗରମରେ ଛଟପଟ ହେଉଥିବାବେଳେ ମରାମତି ନାଁରେ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ବିଦ୍ୟୁତ୍ କାଟ କରାଯାଉଛି। କେତେକ ଅଞ୍ଚଳରେ ବିଭାଗ ପକ୍ଷରୁ ବିଦ୍ୟୁତ୍ କାଟ ବିଷୟରେ ସୂଚନା ଦିଆଯାଇଥିବାବେଳେ ଆଉ କେତେକ ଅଞ୍ଚଳରେ ଘୋଷଣା ମଧ୍ୟ କରାଯାଉନାହିଁ। ଫଳରେ ଲୋକେ ଗରମରେ ଛଟପଟ ହେବାସହ ମୋଟର ନ ଚାଲିବା ଯୋଗୁ ପାଣି ପାଇଁ ମଧ୍ୟ ଅସୁବିଧା ଭୋଗୁଛନ୍ତି। କୌଣସି ବିଦ୍ୟୁତ୍ ମରାମତି କାମ ଯୋଗୁ ଶନିବାର ଏବଂ ରବିବାର ସକାଳ ୯ଟାରୁ ୫ଟା ପର୍ଯ୍ୟନ୍ତ ବିଦ୍ୟୁତ୍ କାଟ ହୋଇଥିଲା। ସେହିପରି ସୋମବାର ୯ଟାରୁ ୧୧ଟା ପର୍ଯ୍ୟନ୍ତ ବିଦ୍ୟୁତ୍ କାଟ କରାଯାଇଥିଲା। ସୂଚନାଯୋଗ୍ୟ ଅଂଶୁଘାତ ମୁକାବିଲା ନେଇ ହୋଇଥିବା ବୈଠକରେ ଜିଲାପାଳ ଗ୍ରୀଷ୍ମପ୍ରବାହବେଳେ ବିଦ୍ୟୁତ୍ କାଟ ନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ମରାମତି ନାଁରେ ଏଭଳି ଦିନସାରା ବିଦ୍ୟୁତ୍ କାଟକୁ ନେଇ ଅସନ୍ତୋଷ ବଢ଼ୁଛି।

### ବିନା କାରଣରେ ଗହଳିକଲେ କାର୍ଯ୍ୟାନୁଷ୍ଠାନ



ଗୁଣପୁର,୫।୪(ଡି.ଏନ୍.ଏ.)- କରୋନା ମହାମାରୀକୁ ଦୃଷ୍ଟିରେ ରଖି ରାୟଗଡ଼ା ଜିଲା ଗୁଣପୁର ଉପଖଣ୍ଡ ପୋଲିସ ଏବଂ ପ୍ରଶାସନ ପକ୍ଷରୁ ସୋମବାର ସହରରେ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ବିନା କାରଣରେ ଗହଳିକଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଚେତାବନୀ ଦିଆଯାଇଛି। ସେହିପରି ବାରମ୍ବାର ହାତ ଧୋଇବା, ମାସ୍କ ବ୍ୟବହାର, ସାମାଜିକ ଦୂରତା ଏବଂ ସାନିଟାଇଜର ବ୍ୟବହାର ଉପରେ ଗୁରୁତ୍ୱ ଦେବାକୁ ସଚେତନ କରାଯାଇଥିଲା। ୪୫ବର୍ଷରୁ ଊର୍ଦ୍ଧ୍ୱ ବୟସ୍କମାନେ ଶୀଘ୍ର କରୋନା ଟିକା ନେବାକୁ ପରାମର୍ଶ ଦିଆଯାଇଛି। ସଚେତନତା କାର୍ଯ୍ୟକ୍ରମରେ ଗୁଣପୁର ଉପଜିଲାପାଳ ଜେ. ସୋନାଲ ଏବଂ ଏସ୍‌ଡିପିଓ ରାଜକିଶୋର ଦାସ ଉପସ୍ଥିତ ରହି ବିଭିନ୍ନ ଦୋକାନ,ବଜାର, ବ୍ୟାଙ୍କ ଏବଂ ବ୍ୟବସାୟିକ ପ୍ରତିଷ୍ଠାନରେ କରୋନା ନିୟମକୁ କଡ଼ାକଡ଼ିଭାବେ ପାଳନ କରିବାକୁ ତାଗିଦ କରିଥିଲେ।

### ସରିଲା ପ୍ରାର୍ଥୀପତ୍ର ଦାଖଲ ପୁଟାସିଂ ସମିତି ସଭ୍ୟ ନିର୍ବାଚନ



ଗୁଣପୁର,୫।୪(ଡି.ଏନ୍.ଏ.)-ରାୟଗଡ଼ା ଜିଲା ଗୁଣପୁର ବ୍ଲକ୍ ପୁଟାସିଂ ପଞ୍ଚାୟତ ସମିତି ସଭ୍ୟ ନିମନ୍ତେ ୨୮ତାରିଖରେ ନିର୍ବାଚନ ଅନୁଷ୍ଠିତ ହେବ। ଏଥିପାଇଁ ସୋମବାର ନାମାଙ୍କନପତ୍ର ଦାଖଲ ସରିଛି। ଶେଷ ଦିନରେ ସିପିଆଇଏମ୍ଏଲ୍ ସମର୍ଥିତ ମହୁଲବଣିଆ ଗ୍ରାମର ଅର୍ଚ୍ଚନା ଶବର ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଅର୍ଚ୍ଚନା ତାଙ୍କ ସମର୍ଥକଙ୍କୁ ନେଇ ନିର୍ବାଚନ ଅଧିକାରୀ ତଥା ଗୁଣପୁର ବିଡିଓ ଶାନ୍ତିପ୍ରଭା ପ୍ରଧାନଙ୍କ ନିକଟରେ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ଏହି ସମୟରେ ସିପିଆଇଏମ୍ଏଲ୍‌ର ଜିଲା ସମ୍ପାଦକ ତ୍ରିପତି ଗମାଙ୍ଗଙ୍କ ସମେତ ଦାମୋଦର ଶବର ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ। ଅପରପକ୍ଷେ ମାର୍ଚ୍ଚ ୩୦ରେ ବିଜେଡି ସମର୍ଥିତ ପ୍ରାର୍ଥୀ ବରେଇ ଗ୍ରାମର ମମତା ଗମାଙ୍ଗ ନାମାଙ୍କନ ପତ୍ର ଦାଖଲ କରିଥିଲେ। ମଙ୍ଗଳବାର ନାମାଙ୍କନ ପତ୍ର ଯାଞ୍ଚ ଏବଂ ୯ ତାରିଖ ଅପରାହ୍ନ ୩ଟା ସୁଦ୍ଧା ପ୍ରାର୍ଥୀପତ୍ର ପ୍ରତ୍ୟାହର ନିମନ୍ତେ ସମୟ ଧାର୍ଯ୍ୟ ହୋଇଛି।

### ନିର୍ବାହୀ ଅଧିକାରୀଙ୍କୁ ଭେଟିଲେ ବାସିନ୍ଦା

ଜୟପୁର, ୫।୪ (ନି.ପ୍ର.)-ବଙ୍ଗଳାବାଡ ପରଜା ସାହି ବାସିନ୍ଦା ୧ ଓ ୩ ନଂ. ୱାର୍ଡରେ କମ୍ୟୁନିଟି ସେଣ୍ଟର, ଶ୍ମଶାନ ପାଚେରି, ରାସ୍ତା ନିର୍ମାଣ ଦାବିରେ ସୋମବାର ପୌର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଭେଟିଛନ୍ତି। ଶ୍ମଶାନର ପାଚେରି ନାହିଁ। ଏଠାକୁ ଯିବାକୁ ଭଲ ରାସ୍ତାଟିଏ ମଧ ନାହିଁ। ଏଥିଯୋଗୁ ମୃତଦେହ ଦାହ ବେଳେ ସେମାନେ ହଇରାଣ ହେଉଛନ୍ତି। ପୌର ପାଳିକା ପକ୍ଷରୁ ଏହାର ଉନ୍ନତି କରିବା ପାଇଁ ସେମାନେ ଦାବି କରିଛନ୍ତି। ଏନେଇ ସାହିର ବାସୁଦେବ ନାୟକ, ରାମଚନ୍ଦ୍ର ମୁଦୁଲି, ସୂର୍ଯ୍ୟ ଗାଧବା, ଶ୍ରୀଧର ପୁଜାରିଙ୍କ ସମେତ ଅନ୍ୟମାନେ ପୌର ନିର୍ବାହୀ ଅଧିକାରୀଙ୍କୁ ଏକ ଦାବିପତ୍ର ଦେଇଛନ୍ତି।

# କଲରାପଡ଼ାରେ ଚାଉଳ, ଭତ୍ତା ଯୋଗାଣ ସୁବିଧା କରାଯାଉ

ଝରିଗାଁ, ୫।୪(ସ୍ୱ.ପ୍ର.)



ବିଡିଓ ଦାବିପତ୍ର ଗ୍ରହଣ କରୁଛନ୍ତି।

- ବିଡିଓଙ୍କୁ ଦାବି ଜଣାଇଲେ ୭ ଗାଁର ଲୋକେ
- ଭତ୍ତା, ଚାଉଳ ପାଇଁ ଯିବାକୁ ପଡୁଛି ୧୨ରୁ ୧୫ କି.ମି.
- ଖରା, ବର୍ଷା ଦିନରେ ହେଉଛି ବ୍ୟାପକ ଅସୁବିଧା
- ଗାଁ ସ୍ତରରେ ପ୍ରଥମେ ବୃଦ୍ଧ, ଦିବ୍ୟାଙ୍ଗଙ୍କୁ ଭତ୍ତା ଯୋଗାଣ ପ୍ରତିଶ୍ରୁତି
- ଉଚ୍ଚ ଅଧିକାରୀଙ୍କ ସହ ଯୋଗାଯୋଗକରି ଚାଉଳ ଯୋଗାଣ ବ୍ୟବସ୍ଥା କରାଯିବ

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ସଦର ପଞ୍ଚାୟତ ଅଧୀନ କଲରାପଡ଼ା, ଟେକରପାଣି, କାଣ୍ଡେସର, ମଲାଙ୍ଗପେଡ଼ା,ଖଇରପେଟ,ସାନ୍ତାସାହି,ପୋଡ଼ସାହି ଆଦି ଗାଁର ଲୋକମାନେ ବିଡିଓଙ୍କୁ ଭେଟିଛନ୍ତି। କଲରାପଡ଼ା ଗାଁରେ ଚାଉଳ, ଭତ୍ତା ବାଣ୍ଟିବା ପାଇଁ ବିଡିଓ ପ୍ରଶାନ୍ତ କୁମାର ରାଉତଙ୍କୁ ଦାବିପତ୍ର ଦେଇଛନ୍ତି।

ଗ୍ରାମବାସୀ କଲରାପଡ଼ା ଗାଁରେ ଏକାଠିହୋଇ ସେଠାରେ ଭତ୍ତା ଓ ଚାଉଳ ବାଣ୍ଟିବାକୁ ଏକ କେନ୍ଦ୍ର ଖୋଲାଯାଉ ବୋଲି କହିଥିଲେ। ସେଠାରୁ ସମସ୍ତେ ଏକାଠି ହୋଇ ଝରିଗାଁ ବିଡିଓଙ୍କୁ ଭେଟିବାକୁ ଯାଇଥିଲେ। ଝରିଗାଁ ପଞ୍ଚାୟତ କାର୍ଯ୍ୟାଳୟକୁ ଆସିବାକୁ ଗ୍ରାମବାସୀଙ୍କୁ ୧୨ରୁ ୧୫ କିଲୋମିଟର ଯିବାକୁ ପଡୁଛି। ଦୂର ହେତୁ ବିଶେଷକରି ଖରା ଏବଂ ବର୍ଷାଦିନରେ ହିତାଧିକାରୀଙ୍କୁ ବ୍ୟାପକ ଅସୁବିଧା ହେଉଛି। ଯଦି କୌଣସି ଦିନ ଚାଉଳ ଏବଂ ଭତ୍ତା ନ ମିଳେ ହତାଶ ହୋଇ ସେମାନଙ୍କୁ ଏତେ ଦୂରରୁ ଖାଲି ହାତରେ ଫେରିବାକୁ ପଡୁଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବୟସ୍କମାନେ ଅଧିକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିଭଳି ଏତେଦୂର ଯିବାକୁ ୧୦୦ ଓ ତା'ଠାରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି। ତେଣୁ ଲୋକଙ୍କ ସୁବିଧା ପାଇଁ କଲରପଡ଼ା ଗ୍ରାମରେ ଚାଉଳ ଏବଂ ଭତ୍ତା ପ୍ରଦାନ କରିବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ଦାବିପତ୍ର ପ୍ରଦାନବେଳେ ୱାର୍ଡ ସଭ୍ୟା ଗଜମଣି ହରିଜନ, ବନମାଳୀ ଗୌଡ଼, ଦିଲୀପ ମାଝି, ହେମ ଗୌଡ଼, ଖରାମଣି ଗୌଡ଼, କିଶୋର ହରିଜନ, ହଳଧର ଗୌଡ଼, ବ୍ରଜ ଶାନ୍ତା, ଶ୍ୟାମ ଶାନ୍ତା, ଅମିନ ଶାନ୍ତାଙ୍କ ସମେତ ଶହେରୁ ଊର୍ଦ୍ଧ୍ୱ ପୁରୁଷ ଓ ମହିଳା ଉପସ୍ଥିତ ଥିଲେ। ସମସ୍ୟା ସମାଧାନ ପାଇଁ ପଦକ୍ଷେପ ନିଆଯିବ। ପ୍ରଥମେ ବୃଦ୍ଧ ଓ ଦିବ୍ୟାଙ୍ଗଙ୍କୁ ଗାଁ ସ୍ତରରେ ଭତ୍ତା ପ୍ରଦାନର ସୁବ୍ୟବସ୍ଥା କରାଯିବ। ସେହିଭଳି ଉଚ୍ଚ ଅଧିକାରୀଙ୍କ ସହ ଯୋଗାଯୋଗକରି ଚାଉଳ ଯୋଗାଣ ନେଇ ବ୍ୟବସ୍ଥା କରିବେ ବୋଲି ବିଡିଓ ପ୍ରତିଶ୍ରୁତି ଦେଇଥିଲେ।

# ଗୁଣପୁରରେ ଇ-ସେବାକେନ୍ଦ୍ର ଉଦ୍‌ଘାଟିତ



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଗୁଣପୁରଠାରେ ଉପସ୍ଥିତ ଜଜ୍ ଏବଂ ଓକିଲମାନେ।

ଗୁଣପୁର,୫।୪(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଗୁଣପୁର କୋର୍ଟ ପରିସରରେ ସୋମବାର ଇ-ସେବାକେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଏହାର ଉଦ୍‌ଘାଟନ କରିଥିଲେ। ଏହି ସମୟରେ ଗୁଣପୁରଠାରେ ଏଡିଜେ ଅଜୟ କୁମାର ପ୍ରଧାନ, ସବ୍ ଜଜ୍ ସଙ୍ଗୀତା ମଲ୍ଲିକ, ଏସ୍‌ଡିଜେଏମ୍ ବିଭୂତି ଭୂଷଣ ନାୟକ ଏବଂ ଜେଏମ୍ଏଫ୍‌ସି ଦୀପଙ୍କର ବଳ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଓକିଲ ସଂଘର ସଭାପତି ବ୍ରହ୍ମାନନ୍ଦ ପଟ୍ଟନାୟକ, ସମ୍ପାଦକ ଇନ୍ଦ୍ରାକ୍ଷୀ ପ୍ରସାଦ ଦାସଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ। ଏହି କେନ୍ଦ୍ର ଦ୍ୱାରା ମକଦ୍ଦମାର ସ୍ଥିତି, ପରବର୍ତ୍ତୀ ଶୁଣାଣି ତାରିଖ, ଅର୍ଜି, ଦରଖାସ୍ତ ଗୁଡ଼ିକର ଇ-ଫାଇଲିଂ, ଇ-ପେମେଣ୍ଟ ସହାୟତା ଭଳି ଅନେକ କାର୍ଯ୍ୟ ହୋଇପାରିବ ବୋଲି ଜଣାପଡ଼ିଛି।

# ପୁଣି ଆରମ୍ଭ ହେଲା ନାଇଟ୍ କର୍ଫ୍ୟୁ

ନବରଙ୍ଗପୁର,୫।୪(ବି.ପ୍ର.)

କରୋନାର ଦ୍ୱିତୀୟ ଲହରୀକୁ ରୋକିବାକୁ ନବରଙ୍ଗପୁରରେ ସମୋବାରଠାରୁ ନାଇଟ କର୍ଫ୍ୟୁ ଲାଗୁ ହୋଇଛି। ରାତି ୧୦ରୁ ସକାଳ ୫ଟା ପର୍ଯ୍ୟନ୍ତ କର୍ଫ୍ୟୁ ଚାଲିବ ବୋଲି ଏସ୍‌ପି ପ୍ରହ୍ଲାଦ ସାହାଇ ମୀନା ଖବରଦାରତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏହି ସମୟରେ କେବଳ ଦୋକାନ, ପାଥୋଲୋଜି, କ୍ଲିନିକ, ଭେଟିନାରୀ ହସ୍ପିଟାଲ, ପେଟ୍ରୋଲ ପମ୍ପ, ଏଲପିଜି ଷ୍ଟୋର, ପେଟ୍ରୋଲିୟମ ଓ ଗ୍ୟାସ ରିଟେଲର ଦୋକାନ, ଲଜିଂ ଓ ଗଣମାଧ୍ୟମ କ୍ଷେତ୍ରରେ ଏହି କଟକଣା ଲାଗୁ ହେବ ନାହିଁ। ନାଇଟ୍ କର୍ଫ୍ୟୁ ସମୟରେ ଅନାବଶ୍ୟକ ସମାବେଶ, ସମସ୍ତ ପ୍ରକାର ସେମିନାର,ୱାର୍କସପ୍ ଓ ସମ୍ମିଳନୀକୁ ବାତିଲ କରାଯାଇଛି। ବରଯାତ୍ରୀ ଶୋଭଯାତ୍ରା, ଅପେରା ଓ ଅନ୍ୟ କୌଣସି ଉତ୍ସବ ଆୟୋଜନ ହୋଇପାରିବ ନାହିଁ। କୌଣସି ପ୍ରକାରର ରାଜନୈତିକ ରାଲି, ସଭା ଓ ସମାବେଶ ହେବନାହିଁ ବୋଲି ଏସ୍‌ପି ସୂଚନା ଦେଇଛନ୍ତି। ସମସ୍ତ ହୋଟେଲଗୁଡ଼ିକରେ ସାନିଟାଇଜେସନ ଓ କୋଭିଡ୍ ନିୟମକୁ କଡ଼ାକଡ଼ି ପାଳନ କରାଯିବ ଜିଲା ପ୍ରଶାସନ ନିର୍ଦ୍ଦେଶନାମା ଜାରି କରିଛି। ଅମାନିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଏସ୍‌ପି ସୂଚନା ଦେଇଛନ୍ତି।

## ଟିଏମ୍‌ସିକୁ ଖାଦ୍ୟ ଯୋଗାଣର ବକେୟା ଟଙ୍କା ଦାବି

ଗୁଣପୁର,୫।୪(ଡି.ଏନ୍.ଏ.)

ରାୟଗଡ଼ା ଜିଲା ପଦ୍ମପୁର ବ୍ଲକ୍ ଜୁମୁରୁଗୁଡ଼ାସ୍ଥିତ ଶ୍ରୀ ଦୁର୍ଗା ଏସ୍ଏଚ୍‌ଜି ମହିଳାମାନେ କରୋନା ସମୟରେ ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ର(ଟିଏମସି) ପାଇଁ ରନ୍ଧା ଖାଦ୍ୟ ଯୋଗାଇଥିଲେ। ହେଲେ ଦୀର୍ଘ ୮ ମାସ ବିତିଯାଇଥିଲେ ମଧ୍ୟ ସେମାନଙ୍କ ବଳକା ପ୍ରାପ୍ୟ ୨ଲକ୍ଷ ୧୨ ହଜାର ୬୪୮ ଟଙ୍କା ପ୍ରଦାନ କରାଯାଇନାହିଁ ଏହାକୁ ନେଇ ସେମାନେ ବାରମ୍ବାର ବିଭିନ୍ନ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଏହାକୁ ନେଇ ମହିଳା ସଦସ୍ୟାମାନେ ସୋମବାର ଗୁଣପୁର ଉପଜିଲାପାଳ ଜେ.ସୋନାଲଙ୍କୁ ଭେଟି ସମସ୍ୟା ଜଣାଇଥିଲେ। ଏଦିଗରେ ସେ ଦୃଷ୍ଟି ଦେବେ ବୋଲି କହିଥିବା ଜଣାପଡ଼ିଛି। ସେମାନଙ୍କ ଅଭିଯୋଗ ହେଲା ବିଭିନ୍ନ ଦୋକନାରୁ ଧାରରେ ସଉଦା ଆଣି ରନ୍ଧା ଖାଦ୍ୟ ଯୋଗାଇଥିଲେ। ଏହି ବାବଦରେ କିଛି ଟଙ୍କା ସେମାନଙ୍କୁ ମିଳିଥିବାବେଳେ ବଳକା ଟଙ୍କା ମିଳିନାହିଁ ଫଳରେ ଦୋକାନୀମାନଙ୍କ ଟଙ୍କା ପୈଠ କରିପାରୁ ନ ଥିବା ଏବଂ ଗୋଷ୍ଠୀ ଚଳାଇବାରେ ସମସ୍ୟା ହେଉଥିବା ସେମାନେ କହିଛନ୍ତି।

## ପଞ୍ଚାୟତ ନିର୍ବାଚନ ପାଇଁ ବିଜେଡିର କର୍ମୀ ସମ୍ମିଳନୀ



ସମ୍ମିଳନୀରେ ଉପସ୍ଥିତ ବିଜେଡି କର୍ମୀମାନେ ।

ଟିକିରି,୫।୪(ଡି.ଏନ୍.ଏ.)

ରାୟଗଡ଼ା ଜିଲା କାଶୀପୁର ବ୍ଲକ୍ ଟିକିରି ପଞ୍ଚାୟତ ଅଧୀନ କାଲିପୁଟ ଖୁରିଗାଁଠାରେ ବିଜେଡିର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଟିକିରି ସମିତିସଭ୍ୟ ମନୋଜ ପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପଞ୍ଚାୟତର ୧୩ ୱାର୍ଡର ସକ୍ରିୟ ବିଜେଡି କର୍ମୀ ଯୋଗଦେଇଥିଲେ। ଆଗାମୀ ପଞ୍ଚାୟତ ନିର୍ବାଚନ ନିମନ୍ତେ ଉପଯୁକ୍ତ ପ୍ରାର୍ଥୀ ଚୟନ ଏବଂ ବିଜୟ ପାଇଁ ରଣନୀତି ପ୍ରସ୍ତୁତ କରାଯାଇଥିଲା। ସମ୍ମିଳନୀରେ ରାଜୁ ନାୟକ, ଜିତୁ ସାହୁ, ଚିତ୍ରୁ ମାଝି, ଲିଙ୍ଗରାଜ ମାଝି, ଜୟ ମାଝି, ସୁବାସ ଦୋରା, ନାରାୟଣ ଝୋଡ଼ିଆ ପ୍ରମୁଖ ଶତାଧିକ ଦଳୀୟ କର୍ମୀ ଉପସ୍ଥିତ ଥିଲେ। ଭୁବନି ଝୋଡ଼ିଆ, ସହଦେବ ମାଝି, ଅର୍ଜୁନ ମାଝି ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ୩ ଦିନ ହେଲାଣି ଆସୁଛି ଗୋଳିଆପାଣି, ଲୋକେ ହନ୍ତସନ୍ତ

ନବରଙ୍ଗପୁର,୫।୪(ବି.ପ୍ର.)



ନଳକୂଅରୁ ବାହାରୁଥିବା ଗୋଳିଆପାଣି ।

**ଖରାଦିନରେ କଲବଲ କରୁଛି ପିଇବା ପାଣି ସମସ୍ୟା**

ଖରାଦିନେ ଲୋକଙ୍କ ଯେପରି ପାନୀୟଜଳ ସମସ୍ୟା ନ ହୁଏ ସେଥିପ୍ରତି ଦୃଷ୍ଟିଦେବାକୁ ଜିଲା ପ୍ରଶାସନ ନିର୍ଦ୍ଦେଶ ଦେଇଛି। କିନ୍ତୁ ଏବେବି ଅନେକ ସ୍ଥାନରେ ଲୋକେ ପାନୀୟ ଜଳ ପାଇଁ ହନ୍ତସନ୍ତ ହେଉଛନ୍ତି। ନବରଙ୍ଗପୁର ପୌରାଞ୍ଚଳର ୧୩ ନମ୍ବର ୱାର୍ଡ ଗାଦବାଗୁଡ଼ାସ୍ଥିତ ଭେଙ୍କଟ ରାଓ କଲୋନିରେ ୩ଦିନ ହେବ ଗୋଳିଆ ଫେଣ ପାଣି ଆସୁଥିବା ଲୋକେ ଅଭିଯୋଗ କରିଛନ୍ତି।

ନବରଙ୍ଗପୁର ପୌରାଞ୍ଚଳସ୍ଥିତ ୧୩ ନମ୍ବର ୱାର୍ଡରେ ଥିବା ଭେଙ୍କଟରାଓ କଲୋନିରେ ପାଇପ ଯୋଗେ ଯୋଗାଇ ଦିଆଯାଉଥିବା ପିଇବା ପାଣି ୩ ଦିନ ହେବ ଗୋଳିଆ ଆସୁଛି। ଏଥିସହ ଏହି ପାଣିରେ ଫେଣ ଭାସୁଛି ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଫଳରେ ସାହିବାସିନ୍ଦା ପିଇବା ପାଣି ପାଇଁ ବହୁ ହଇରାଣ ହେଉଛନ୍ତି। ସ୍ଥାନୀୟ ଅଞ୍ଚଳର ସମସ୍ତ କୂଅ ଶୁଖିଲା ପଡ଼ିଛି। ଏହା ମଧ୍ୟରେ ଏଭଳି ଗୋଳିଆପାଣି ଆସୁଥିବାରୁ ଲୋକେ କଲବଲ ହେଉଛନ୍ତି। ଏନେଇ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ରଞ୍ଜିତ ରାୟଙ୍କୁ ପଚାରିବାରୁ, ନବରଙ୍ଗପୁରର ସବୁ ସାହିକୁ ସଫା ପାଣି ଯୋଗାଣ ହେଉଛି। ସୋମବାର କୌଣସି ଗୋଟେ ଜାଗାରେ ବୋଧହୁଏ ପାଇପ ଫାଟିଯାଇଥିବ, ତେଣୁ ଏଭଳି ଗୋଳିଆପାଣି ବାହାରୁଛି। ସେଠାରେ ପିଡବ୍ଲୁଡିର ରାସ୍ତା କାମ ଚାଲୁଛି। କାମ ଚାଲିବା ସମୟରେ ସେମାନେ ମଧ ଗୋଟେ ପାଇପକୁ ମାଡ଼ କରିଥିବା ସୂଚନା ମିଳିଛି। ଏସବୁ ବର୍ତ୍ତମାନ ହିଁ ଜଣାପଡ଼ିଲା। ମଙ୍ଗଳବାରଠାରୁ ଲୋକଙ୍କୁ ଶୁଦ୍ଧ ପାନୀୟଜଳ ମିଳିବ ବୋଲି ସେ କହିଛନ୍ତି।

## ଗୁଣପୁର-ବିଶାଖାପାଟଣା ଟ୍ରେନ୍ ଟିକେଟ ମୂଲ୍ୟକୁ ନେଇ ଅସନ୍ତୋଷ

ଗୁଣପୁର,୫।୪(ଡି.ଏନ୍.ଏ.)

କରୋନା ପାଇଁ ବନ୍ଦ ରହିଥିବା ଗୁଣପୁର-ବିଶାଖାପଟଣା ଟ୍ରେନ୍ ସୋମବାର ପୁଣି ଚଳାଚଳ କରିଛି। ସକାଳ ୫.୩୫ରେ ବିଶାଖାପାଟଣାରୁ ଟ୍ରେନ୍ ଛାଡ଼ି ଗୁଣପୁରରେ ୧୨.୨୦ରେ ପହଞ୍ଚିଥିଲା। ଅପରପକ୍ଷେ ଗୁଣପୁରଠାରୁ ଦିନ ୧.୫୫ରେ ଟ୍ରେନ୍ ବିଶାଖାପାଟଣା ଅଭିମୁଖେ ଯାତ୍ରା କରିଥିଲା। ତେବେ ଏହି ସ୍ୱତନ୍ତ୍ର ଟ୍ରେନ୍‌ରେ ଯାତ୍ରୀଭଡ଼ାକୁ ନେଇ ଅସନ୍ତୋଷ ଦେଖାଦେଇଛି। ଏହା ଏକ ପାସେଞ୍ଜର ଟ୍ରେନ୍ ହୋଇଥିଲେ ମଧ ଯାତ୍ରୀଙ୍କୁ ଏକ୍ସପ୍ରେସ ଟ୍ରେନ୍‌ର ଭଡ଼ା ଦେବାକୁ ପଡୁଛି। ଗୁଣପୁରଠାରୁ ପାରଳାଖେମୁଣ୍ଡି ଯାତ୍ରା ନିମନ୍ତେ ଟିକେଟର ମୂଲ୍ୟ ୩୫ ଟଙ୍କା ରହିଥିବାବେଳେ ଗୁଣପୁରଠାରୁ ପାରଳାଖେମୁଣ୍ଡି ମଧ୍ୟରେ ରହିଥିବା ଅନ୍ୟ ଅଞ୍ଚଳକୁ ଯିବା ପାଇଁ ୩୦ ଟଙ୍କା ରହିଛି। ଏହାକୁ ନେଇ ଯାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇବା ସହ ବସ୍‌ରେ ଯାତ୍ରା କରିବା ଭଲ ବୋଲି ମତପ୍ରକାଶ ପାଇଛି।

# ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଗଲା ଆମ୍ବୁଲାନ୍ସ

ରାୟଗଡା ଅଫିସ,୫।୪

**ଦବିଗଲା କଲ୍ୟାଣୀ ନଦୀ ଅସ୍ଥାୟୀ ପୋଲ**

ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକ୍ କଲ୍ୟାଣୀ ନଦୀର ଅସ୍ଥାୟୀ ପୋଲ ବିପଜ୍ଜନକ ଅବସ୍ଥାରେ ରହିଛି। ରବିବାର ରାତିରେ ରୋଗୀଙ୍କୁ ନେଇ ଯାଉଥିବା ଏକ ୧୦୮ ଆମ୍ବୁଲାନ୍ସ ବଡ଼ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଯାଇଛି। ସୂଚନା ଅନୁଯାୟୀ, ପଲମା ଗ୍ରାମର ଜଣେ ରୋଗୀ ରାତିରେ ଗୁରୁତର ହୋଇପଡ଼ିଥିଲେ। ପରିବାର ଲୋକେ ୧୦୮କୁ ଯୋଗାଯୋଗ କରିଥିଲେ। ଆମ୍ବୁଲାନ୍ସ ଗାଁରେ ପହଞ୍ଚି ରୋଗୀଙ୍କୁ ନେଇ ଡାକ୍ତରଖାନା ଯିବା ସମୟରେ କଲ୍ୟାଣୀ ନଦୀ ଅସ୍ଥାୟୀ ପୋଲ ନିକଟରେ ଏକ ବାଇକ୍‌କୁ ରାସ୍ତା ଦେବାକୁ ଯାଇ ଆମ୍ବୁଲାନ୍ସ ଭାରସାମ୍ୟ ହରାଇଥିଲା। ଫଳରେ ପୋଲର ଗୋଟିଏ ପାର୍ଶ୍ୱ ଦବିଯିବା ଫଳରେ ଗାଡ଼ିଟି ମଧ ଦବିଯାଇଥିଲା। ଏଥିରେ ଆମ୍ବଲାନ୍ସରେ ଥିବା ରୋଗୀ ଏବଂ ସମ୍ପର୍କୀୟ ଭୟଭୀତ ହୋଇପଡ଼ିଥିଲେ। ହେଲେ ଚାଳକଙ୍କ ଉପସ୍ଥିତ ବୁଦ୍ଧି ଏବଂ ଉଚିତ ପଦକ୍ଷେପ ଯୋଗୁ ଆମ୍ବୁଲାନ୍ସଟି ଦୁର୍ଘଟଣାରୁ ବର୍ତ୍ତିଯାଇଥିଲା। ସୂଚନାଯୋଗ୍ୟ, ଅସ୍ଥାୟୀ ପୋଲ ନିର୍ମାଣ କାର୍ଯ୍ୟ ନିମ୍ନମାନର ହୋଇଥିବା ପୂର୍ବରୁ ଅଭିଯୋଗ ହେଉଛି। ମାଟି ବଦଳ ରେ ବାଲି ପକାଇ ପୋଲ ନିର୍ମାଣ କରାଯାଇଥିବା ଯୋଗୁ ଭାରିଯାନ ଦବିଯାଉଥିବା ଅଭିଯୋଗ ହେଉଛି। ପୋଲ ନିର୍ମାଣର ୩ବର୍ଷ ପୁରିଥିଲେ ମଧ କାମ ସମ୍ପୂର୍ଣ୍ଣ ହୋଇପାରୁନି। ଏପ୍ରିଲ ଶେଷ ସୁଦ୍ଧା କାର୍ଯ୍ୟ ସମ୍ପୂର୍ଣ୍ଣ ନ ହେଲେ ୭ ପଞ୍ଚାୟତବାସୀ ରାସ୍ତାରୋକୋକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

## କ୍ଷୁଦ୍ର ଚଳଚ୍ଚିତ୍ର 'ହାଞ୍ଜୋରୀ'ର ପ୍ରିମିୟର ଶୋ'





ଚଳଚ୍ଚିତ୍ରର ବ୍ୟାନର।

ରାୟଗଡ଼ା ଅଫିସ,୫।୪

**ସରଳ ଆଦିବାସୀ ଏବଂ ସହରୀ ସଭ୍ୟତାକୁ ନେଇ ନିର୍ମିତ**

ଆଦିବାସୀ ଅଧ୍ୟୁଷିତ ରାୟଗଡ଼ା ଜିଲାରେ ସ୍ଥାନୀୟ କଳାକାର ଓ ଟେକ୍‌ନିସିଆନଙ୍କ ଦ୍ୱାରା ପ୍ରସ୍ତୁତି ହୋଇଛି ୨୦ ମିନିଟ୍‌ର କ୍ଷୁଦ୍ର ଚଳଚ୍ଚିତ୍ର 'ହାଞ୍ଜୋରୀ'। ହାଞ୍ଜୋରୀ ଏକ କୁଇ ଶବ୍ଦ ଏବଂ ଏହାର ଅର୍ଥ ମରିବୁ। ଏହି ଚଳଚ୍ଚିତ୍ର ସରଳ ଆଦିବାସୀ ଏବଂ ସହରୀ ସଭ୍ୟତାକୁ ନେଇ ନିର୍ମିତ ହୋଇଛି। ଯୁବ ଲେଖକ ଅନନ୍ତ ଗୌଡ଼ ଚଳଚ୍ଚିତ୍ରର କାହାଣୀ ଲେଖିଥିବାବେଳେ ଏହାର ନିର୍ଦ୍ଦେଶନା ଦେଇଛନ୍ତି ନରେନ୍ଦ୍ର କୁମାର ମିଶ୍ର। ସେହିପରି ସିନେମାଟୋଗ୍ରାପରଭାବେ କାର୍ଯ୍ୟ କରିଛନ୍ତି ବି.କେ.ମହାନ୍ତି। ରାୟଗଡ଼ାସ୍ଥିତ ଦି କେମ୍ବ୍ରିଜ୍ ସ୍କୁଲ ଏହାର ପ୍ରିମିୟର ଶୋ'ର ଆୟୋଜନ କରିଥିଲା।

## ସୁବିଧାରେ ଜାଣିହେବ ମକଦ୍ଦମା ସ୍ଥିତି, ପରବର୍ତ୍ତୀ ଶୁଣାଣି ତାରିଖ

ଉମରକୋଟ, ୫।୪(ସ୍ୱ.ପ୍ର.)

**ଉମରକୋଟ ଦେୱାନୀ ଓ ଫୌଜଦାରି ଅଦାଲତ ପରିସରରେ ଇ-ସେବା କେନ୍ଦ୍ର**

ଉମରକୋଟ ଦେୱାନୀ ଓ ଫୌଜଦାରି ଅଦାଲତ ପରିସରରେ ଇ-ସେବା କେନ୍ଦ୍ରକୁ ଭିଡିଓ କନ୍‌ଫରେନ୍ସ ଜରିଆରେ ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ ଏସ୍.ମୁରଲିଧରନ ଉଦ୍‌ଘାଟନ କରିଛନ୍ତି। ଏହି ଉପଲକ୍ଷେ ଆୟୋଜିତ ଏକ ସଭାରେ ଅତିରିକ୍ତ ଜିଲା ଜଜ୍ ସୁନୀଲ କୁମାର ଦାସ, ସବ୍ ଜଜ୍ ପ୍ରଶାନ୍ତ କୁମାର ବେହେରା, ଜେଏମ୍ଏଫ୍‌ସି ପ୍ରବୀଣା ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଇ-ସେବା କେନ୍ଦ୍ର ଜରିଆରେ ଲୋକେ ସେମାନଙ୍କ ମକଦ୍ଦମାର ସ୍ଥିତି, ପରବର୍ତ୍ତୀ ଶୁଣାଣି ତାରିଖ ଏବଂ ଅଦାଲତ ସମ୍ବନ୍ଧୀୟ ଅନ୍ୟ ତଥ୍ୟ ପାଇପାରିବେ। ଏଥିସହ ଜେଲରେ ଥିବା ବିଚାରାଧୀନ କଏଦୀଙ୍କ ସହ ସେମାନଙ୍କ ସମ୍ପର୍କୀୟମାନେ ଇ-ମୁଲାକାତ୍ ମାଧ୍ୟମରେ କଥା ହୋଇପାରିବେ ବୋଲି ସୂଚନା ମିଳିଛି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଓକିଲ ସଂଘ ସଭାପତି ତପନ ଦେବନାଥ, ଉପସଭାପତି ରାମକୃଷ୍ଣ ନାୟକ, ସମ୍ପାଦକ ଶାନ୍ତନୁ ବାହିନୀପତି, ଝାଡ଼େଶ୍ୱର ମହାନ୍ତି, କିଶୋର ଚନ୍ଦ୍ର ମିଶ୍ର, ବାଳକୃଷ୍ଣ ପାତ୍ର, ଶ୍ରୀନିବାସ ପଟ୍ଟନାୟକ, ଅରୁଣ ପଟ୍ଟନାୟକ,ଉମା ମହେଶ୍ୱର ରାଓ ଏବଂ ଅନ୍ୟ ଓକିଲମାନେ ଉପସ୍ଥିତ ଥିଲେ।





ଉଦ୍‌ଘାଟନ ଅବସରରେ ଉପସ୍ଥିତ ଜିଲା ଜଜ୍ ଓ ଆଇନଜୀବୀମାନେ।

# ବଢ଼ିଲାଣି କରୋନା, ଲୋକେ ହେଉନାହାନ୍ତି ସଚେତନ



ପୋଷ୍ଟ ବ୍ୟାଙ୍କ ଏଟିଏମ୍ ଆଗରେ ଲାଗିଥିବା ଭିଡ଼।

ନବରଙ୍ଗପୁର,୫।୪ (ବି.ପ୍ର.)

ନବରଙ୍ଗପୁର ଜିଲାରେ ସୋମବାର ୩ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବର୍ତ୍ତମାନ ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ୫୮ରେ ପହଞ୍ଚିଛି। ଆକ୍ରାନ୍ତଙ୍କ ମଧ୍ୟରୁ ୫୬ ଜଣ ହୋମ୍ କ୍ୱାରାଣ୍ଟାଇନରେ ଅଛନ୍ତି। କରୋନା ସଂକ୍ରମଣ ସଂଖ୍ୟା ବୃଦ୍ଧି ପାଉଥିବା ଦେଖି ପ୍ରଶାସନ ପକ୍ଷରୁ ସଚେତନ କରାଯାଉଛି। ମାସ୍କ ନ ପିନ୍ଧିରେ ଦଣ୍ଡ ଗଣୁଛନ୍ତି। ତଥାପି ଲୋକେ ସଚେତନ ହେଉନାହାନ୍ତି। ବ୍ୟବସାୟିକ ଅନୁଷ୍ଠାନଗୁଡ଼ିକ କୋଭିଡ୍ ନିୟମ ପାଳନ କରୁ ନ ଥିବା ଦେଖାଯାଉଛି। ସରକାରୀ ଅଫିସରେ ମଧ ସାମାଜିକ ଦୂରତା ପାଳନ କରାଯାଉନାହିଁ। ଅନେକେ ମାସ୍କ ପିନ୍ଧୁ ନ ଥିବା ଅଭିଯୋଗ ହୋଇଛି। ନବରଙ୍ଗପୁର ମୁଖ୍ୟ ଡାକଘର ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ କାଉଣ୍ଟରରେ ସୋମବାର ଲମ୍ବା ଲାଇନ ସହ ଭିଡ଼ ଦେଖିବାକୁ ମିଳିଥିଲା।

## ସୀମାନ୍ତ ଅଞ୍ଚଳ, ଷ୍ଟେଶନରେ କଡ଼ାକଡ଼ି ହେଉନି ଯାଞ୍ଚ

ରାୟଗଡ଼ା ଅଫିସ,୫।୪

- ରାୟଗଡ଼ା ଜିଲାରୁ ଦିନକରେ ୧୬ ପଜିଟିଭ
- ପ୍ରଶାସନ ନିକଟରେ ରହୁନି ବାହାର ରାଜ୍ୟ ଫେରନ୍ତାଙ୍କ ତଥ୍ୟ

ରାଜ୍ୟରେ କରୋନା ସଂକ୍ରମଣ ପୁଣି ବଢ଼ିବାରେ ଲାଗିଛି। ରାୟଗଡ଼ା ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ଏକଅଙ୍କରେ ସୀମିତ ଥିବାବେଳେ ସୋମବାର ଦିନକରେ ୧୬ ପଜିଟିଭ ଚିହ୍ନଟ ହୋଇଥିବା ରାଜ୍ୟ ସରକାର ଏବଂ ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଏଥିମଧ୍ୟରେ କେବଳ ରାୟଗଡ଼ା ସହରାଞ୍ଚଳରୁ ୧୩ଜଣ ରହିଛନ୍ତି। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ସୀମାନ୍ତ ଅଞ୍ଚଳରେ ଆଉ ଯାଞ୍ଚ କରାଯାଉନାହିଁ। ଫଳରେ ରାଜ୍ୟ ବାହାରୁ ଆସୁଥିବା ଲୋକଙ୍କ ବିଷୟରେ କୌଣସି ସୂଚନା ମିଳିପାରୁନାହିଁ। ସେହିପରି ରେଳଷ୍ଟେଶନରେ ମଧ ଯାଞ୍ଚ କଡ଼ାକଡ଼ି କରାଯାଉ ନ ଥିବା ଅଭିଯୋଗ ହେଉଛି। ମହାରାଷ୍ଟ୍ର, ତେଲଙ୍ଗାନା, ଛତିଶଗଡ଼ ଭଳି ରାଜ୍ୟରେ ସଂକ୍ରମଣ ବଢୁଥିବାବେଳେ ରାଜ୍ୟ ବାହାରୁ ଫେରୁଥିବା ଜିଲାକୁ ଫେରୁଥିବା ଲୋକଙ୍କ ବିଷୟରେ ପ୍ରଶାସନ ନିକଟରେ କୌଣସି ତଥ୍ୟ ରହୁନାହିଁ। ଏହାହିଁ ସଂକ୍ରମଣ ବଢ଼ିବାର କାରଣ ବୋଲି ବୁଦ୍ଧିଜୀବୀଙ୍କ ମଧ୍ୟରେ ପ୍ରକାଶ ପାଇଛି। ସୂଚନାଯୋଗ୍ୟ ପ୍ରଥମ ଲହରରେ ବାହାର ରାଜ୍ୟରୁ ଫେରୁଥିବା ଲୋକଙ୍କଠାରୁ ହିଁ ଜିଲାରେ ସଂକ୍ରମଣ ବୃଦ୍ଧିପାଇଥିଲା। ରାଜ୍ୟ ବାହାରୁ ଫେରୁଥିବା ଲୋକେ ପ୍ରଶାସନକୁ ଜଣାଇବା ପାଇଁ ରାୟଗଡ଼ା ଜିଲା ପ୍ରଶାସନ ପକ୍ଷରୁ ଲୋକଙ୍କୁ ସଚେତନ କରାଯାଉଛି। ହେଲେ ଲୋକେ ଏଥିରେ ସହଯୋଗ କରୁନାହାନ୍ତି। ସେହିପରି ଯାଞ୍ଚ ମଧ କଡ଼ାକଡ଼ି କରାଯାଇନାହିଁ। ତେଣୁ ପୂର୍ବାବସ୍ଥା ଫେରିବା ପୂର୍ବରୁ ପ୍ରଶାସନ ସଜାଗ ହେବା ଜରୁରୀ ବୋଲି ମତପ୍ରକାଶ ପାଉଛି।

**ଡାକ୍ତରଖାନା ପରିସରରେ ନିଆଁ**

ରାୟଗଡ଼ା ଅଫିସ- ରାୟଗଡ଼ା ବ୍ଲକ୍ ଜେମାଦେଇପେଣ୍ଠ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସର ଘାସବୁଦାରେ ସୋମବାର ରାତିରେ କେହି ଦୁର୍ବୃତ୍ତ ନିଆଁ ଲଗାଇଦେଇଥିବା ଦେଖିବାକୁ ମିଳିଛି। ଏହାଦେଖି ସ୍ଥାନୀୟ ଲୋକେ ଏବଂ ଡାକ୍ତରଖାନାର ରୋଗୀ ଭୟଭୀତ ହୋଇପଡ଼ିଥିଲେ। ଖବର ପାଇ ରାୟଗଡ଼ା ଅଗ୍ନିଶମ ବାହିନୀ ପହଞ୍ଚି ନିଆଁ ଲିଭାଇବାକୁ ଉଦ୍ୟମ କରୁଛି। ଖବର ଲେଖାଯିବା ସୁଦ୍ଧା ନିଆଁଲିଭା ଜାରି ରହିଥିବା ସୂଚନା ମିଳିଛି।



## ସଂକ୍ଷେପରେ

### ସିସିଟିଭିରେ କଏଦ ୨ ମହିଳା ଚୋର

କୋରୁକୋଣ୍ଡା, ୫।୪(ଡି.ଏନ.ଏ,) ମାଲକାନଗିରି ଜିଲାରେ ମହିଳା ଚୋରଙ୍କ ପ୍ରାର୍ଦୁଭାବ ବଢୁଛି। ଦୋକାନରେ ଜିନିଷ କିଣିବା ବାହାନାରେ ଚୋରି କରି ଦୁଇ ମହିଳା ଚୋର ଧରାପଡିଛନ୍ତି। ସିସିଟିଭିରୁ ସେମାନଙ୍କ ଚୋରି ଦୃଶ୍ୟ ଉଭୟଙ୍କୁ ଧରାପକାଇଛି। ବାଲିମେଳା ସଦର ସ୍ଥିତ ପୁରୁଣା ବସଷ୍ଟାଣ୍ଡଠାରେ ଥିବା ଶ୍ରୀନୁ ଫେନ୍ସି ଷ୍ଟୋରରେ ଏପରି ଘଟିଛି। ରବିବାର ସାପ୍ତାହିକ ହାଟ ଗହଳି ସୁଯୋଗ ନେଇ ଦୁଇ ଜଣ ମହିଳା ଏହି ଷ୍ଟୋରକୁ ଜିନିଷ କ୍ରୟ ବାହାନାରେ ପଶିଥିଲେ। ଜଣେ ଦୋକାନରେ କିଛି ସାମଗ୍ରୀ କିଣିବା ଅଭିନୟ କରି ବ୍ୟବସାୟୀଙ୍କୁ ଭୁଲାଇ ରଖିଥିବା ଅନ୍ୟ ଜଣେ ବାହାରେ ଥିବା ଏକ ଲଗେଜ ବ୍ୟାଗ କୁ ଅତି ଚତୁରତାର ସହ ଚୋରି କରି ନେଇଯାଇଥିଲେ। ସେମାନଙ୍କୁ ସେ ସମୟରେ ଧରାଯାଇ ପାରି ନ ଥିଲେ ମଧ ପରେ ସିସିଟିଭିରୁ ଏହା ସ୍ପଷ୍ଟ ହୋଇଥିଲା। ଏହି ମହିଳା ଚୋର ଆନ୍ଧ୍ରପ୍ରଦେଶର ଏବଂ ସେମାନେ ତେଲୁଗୁ ଭାଷାରେ କଥା ହେଉଥିଲେ।

### କୋଟିଏ ଟଙ୍କାର ଗଞ୍ଜେଇ ଜବତ କଲା ପୋଲିସ



ଜୟପୁର, ୫।୪ (ନି.ପ୍ର.)-ବାହାର ରାଜ୍ୟକୁ ଗଞ୍ଜେଇ ଚାଲାଣ ପାଇଁ ହେଉଥିବା ଉଦ୍ୟମକୁ ଜୟପୁର ସଦର ପୋଲିସ ପଣ୍ଡ କରିଛି। ଏହି ମାମଲାରେ କେହି ଗିରଫ ହୋଇପାରି ନ ଥିବା ବେଳେ ୧୩୪୪ କେଜି ଗଞ୍ଜେଇ ଜବତ କରିଛି ପୋଲିସ। ୨୬ ନଂ. ଜାତୀୟ ରାଜପଥର ଜୟପୁର ଘାଟିସ୍ଥିତ ଶିବମନ୍ଦିର ଜଙ୍ଗଲରେ ୨ ଜଣ ଗଞ୍ଜେଇ ବ୍ୟବସାୟୀ ଚନ୍ଦ୍ର ବାଘ ଓ କାର୍ତ୍ତିକ ଲାମା ଜଲାପୁଟରୁ ଗଞ୍ଜେଇ ଆଣି ଏକ ନମ୍ବର ବିହୀନ ବୋଲେରୋରେ ଅପେକ୍ଷାକରି ରହିଥିଲେ। ସେହି ସମୟରେ ଏକମ୍ବାର ଲଳିତ ହରିଜନ ଏକ ନମ୍ବର ବିହୀନ ସ୍କୁଟିରେ ପହଞ୍ଚି ଗଞ୍ଜେଇ ଆଣି ବାହାର ରାଜ୍ୟକୁ ଚାଲାଣ କରିବାକୁ ଯାଉଥିବା ବେଳେ ସଦର ପୋଲିସ ଚଢ଼ାଉ କରିଥିଲା। ଗଞ୍ଜେଇ ଚାଲାଣକାରୀମାନେ ଗଞ୍ଜେଇ ଭର୍ତ୍ତି ବେଲେରୋ ଓ ସ୍କୁଟି ଛାଡ଼ି ଫେରାର ହୋଇଯାଇଥିଲେ। ଜବତ ଗଞ୍ଜେଇର ବଜାର ମୂଲ୍ୟ ୧ କୋଟି ୩୦ ଲକ୍ଷ ଟଙ୍କା ହେବ। ଏନେଇ ୬୧/ ୨୧ରେ ଏକ ମାମଲା ରୁଜୁ ହୋଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ ଆଦିତ୍ୟ ମହାକୁଡ଼ କହିଛନ୍ତି।

### ବିଦ୍ୟୁତ୍ ଦର ବୃଦ୍ଧି ପ୍ରତିବାଦରେ କଂଗ୍ରେସର ଧାରଣା

କୋରାପୁଟ,୫।୪(ସ୍ୱ.ପ୍ର.) ରାଜ୍ୟରେ ବିଦ୍ୟୁତ ଦର ବୃଦ୍ଧି ପ୍ରତିବାଦରେ ପ୍ରଦେଶ କଂଗ୍ରେସ କମିଟିର ଡାକରାରେ ଜିଲା କଂଗ୍ରେସ କମିଟି ସଭାନେତ୍ରୀ ମିନାକ୍ଷୀ ବାହିନୀପତିଙ୍କ ନେତୃତ୍ୱରେ ସୋମବାର କୋରାପୁଟ ଡିଭିଜନ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସ ନେତା ଓ କର୍ମୀ ଧାରଣା ଦେଇ ବିଜେଡି ସରକାର ବିରୋଧରେ ସ୍ଲୋଗାନମାନ ଦେଇଥିଲେ। କରୋନା ମହାମାରୀ ସମୟରେ ରାଜ୍ୟ ବିଦ୍ୟୁତ୍ ନିୟାମକ ଆୟୋଗ ବିଦ୍ୟୁତ୍ ଦେୟ ବୃଦ୍ଧି କରିବା ନେଇ ଉଦବେଗ ପ୍ରକାଶ କରିଥିଲେ। ସରକାର ଏହାକୁ ତୁରନ୍ତ ପ୍ରତ୍ୟାହାର କରିବାକୁ ଦାବି କରିଥିଲେ ଏହି ଅବସରରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ନିର୍ବାହୀଯନ୍ତ୍ରୀ ଚମନ ଲାକ୍ରାଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ପୂର୍ବତନ ବିଧାୟକ ନିମାଇଁ ସରକାର, ରୁପକ କୁମାର ତୁରକ, ବାବୁଲା ବେନିଆ, ଭଗବାନ ବାହିନୀପତି, କୃଷ୍ଣ କୁଲଦୀପ, ରମେଶ ବାଖ୍ୟାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ୱେବ୍‌ସାଇଟ୍‌ରେ ବଦଳିଯାଉଛି ହିତାଧିକାରୀଙ୍କ ଗୃହ ନକ୍ସା, ତଥ୍ୟ

ବୈପାରିଗୁଡ଼ା,୫।୪(ଡି.ଏନ୍.ଏ.



ଅର୍ଦ୍ଧନିର୍ମିତ ଅବସ୍ଥାରେ ବୁଦା ଓ ତାଙ୍କ ପୁଅଙ୍କ ପଡ଼ି ରହିଥିବା ପ୍ରଧାନମନ୍ତ୍ରୀ ଆବାସ ଗୃହ।

- ଫସରଫାଟୁଛି ପ୍ରଧାନମନ୍ତ୍ରୀ ଆବାସ ଯୋଜନା
- ଅଣ ହିତାଧିକାରୀଙ୍କ ଆକାଉଣ୍ଟକୁ ଯାଉଛି ଟଙ୍କା
- ଅଭିଯୋଗ ଶୁଣୁନି ବ୍ଲକ ପ୍ରଶାସନ

ପ୍ରଧାନମନ୍ତ୍ରୀ ଆବାସ ଯୋଜନରେ ସ୍ୱଚ୍ଛତା ପାଇଁ ଅନ୍‌ଲାଇନ ପଞ୍ଜୀକରଣ ଓ ଅନ୍‌ଲାଇନ ପେମେଣ୍ଟ ବ୍ୟବସ୍ଥା ରହିଛି। ଘର ନିର୍ମାଣ ବେଳେ ୪ ପର୍ଯ୍ୟାୟରେ ବିଲ୍ ହେଉଛି। ପ୍ରତି ପର୍ଯ୍ୟାୟରେ ନିର୍ମାଣାଧୀନ ଘର ସହ ହିତାଧିକାରୀଙ୍କ ଫଟୋ ସରକାରୀ ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ କରାଯାଉଛି। ଏହାକୁ ତନଖିକରି ପରବର୍ତ୍ତୀ ପର୍ଯ୍ୟାୟର ଅର୍ଥ ହିତାଧିକାରୀଙ୍କୁ ପ୍ରଦାନ କରାଯାଉଛି। ମାତ୍ର ୱେବ୍‌ସାଇଟ୍‌ରେ ଉଦ୍ଦେଶ୍ୟମୂଳକ ଭାବେ ଭୁଲ୍ ତଥ୍ୟ ରଖାଯାଉଛି। ବୈପାରିଗୁଡ଼ା ବ୍ଲକରେ ଏପରି ଏକ ଦୁର୍ନୀତି ଏବେ ସାମ୍ନାକୁ ଆସିଛି।

ବୈପାରିଗୁଡ଼ା ପଞ୍ଚାୟତ ଅମଳାଭଟ୍ଟା ଗ୍ରାମରେ ମା' ବୁନ୍ଦା ମାଝି ଓ ପୁଅ ସନିଆ ମାଝି ରହନ୍ତି। ୨୦୧୯-୨୦ରେ ଉଭୟଙ୍କ ନାମରେ ପ୍ରଧାନମନ୍ତ୍ରୀ ଆବାସ ମଞ୍ଜୁର ହୋଇଛି। ଉଭୟେ ମିଳିତ ଭାବେ ଘର ତିଆରି କରୁଛନ୍ତି। ରୁଫ୍ ଲେଭଲ ଶେଷ ହୋଇଛି। ସନିଆ ପ୍ରଥମ କିସ୍ତି ୨୦ ହଜାର ଟଙ୍କା ଓ ଦ୍ୱିତୀୟ କିସ୍ତି ୩୫ ହଜାର ଟଙ୍କା ଉଠାଇଛନ୍ତି। ବୁନ୍ଦାଙ୍କ ପ୍ରଥମ କିସ୍ତି ସହ ଦ୍ୱିତୀୟ କିସ୍ତି ୩୫ ହଜାର ଟଙ୍କା ଓ ତୃତୀୟ କିସ୍ତି ୪୫ ହଜାର ଟଙ୍କା ବ୍ୟାଙ୍କକୁ ଛଡ଼ାଯାଇଛି। ତେବେ ବୁନ୍ଦା ଅଭିଯୋଗ କରିଛନ୍ତି ଦ୍ୱିତୀୟ ଓ ୩ୟ କିସ୍ତିର ମୋଟ ୮୦ ହଜାର ଟଙ୍କା ତାଙ୍କ ଜମାଖାତାକୁ ଆସିବା ବଦଳରେ ସେହି ସମାନ ନାମ ଥିବା ସନ୍ତେଇପୁଟ ଗ୍ରାମର ଜଣେ ଅଣ ହିତାଧିକାରୀ ମହିଳାଙ୍କ ଜମାଖାତାକୁ ଯାଇଛି। ବ୍ଲକ ପ୍ରଶାସନକୁ ଜଣାଇଥିଲେ ମଧ ତାଙ୍କ କଥା କେହି ଶୁଣୁନାହାନ୍ତି। ଏବେ ଟଙ୍କା ମିଳୁ ନ ଥିବାରୁ ଉଭୟ ମାଆପୁଅଙ୍କ ଘର ଛାତ ପଡ଼ିପାରୁନାହିଁ। ତେବେ ଗୁରୁତ୍ୱପୂର୍ଣ୍ଣ କଥା ସରକାରୀ ୱେବ୍‌ସାଇଟ୍‌ରେ ଉଭୟଙ୍କ ଘର ସମ୍ପର୍କରେ ଭୁଲ୍ ତଥ୍ୟ ରଖାଯାଇଛି। ବୁନ୍ଦାଙ୍କ ହିତାଧିକାରୀ ପଞ୍ଜୀକରଣ ନଂ. ଓଆର୍ ୪୮୩୬୦୬୯। ଏହି ନମ୍ବରକୁ ନେଇ ସରକାରୀ ୱେବ୍‌ସାଇଟ୍ ଯାଞ୍ଚକଲେ ସେଥିରେ ତାଙ୍କ ନାମ ରହିଛି। ତାଙ୍କୁ ୩ଟି କିସ୍ତିରେ ମୋଟ ୧ ଲକ୍ଷ ଟଙ୍କା ତାଙ୍କ ବ୍ୟାଙ୍କ ଜମାଖାତାକୁ ଛଡ଼ାଯାଇଥିବା ଉଲ୍ଲେଖ ରହିଛି। ତେବେ ସେଥିରେ ଯେଉଁ ଘର ସହ ହିତାଧିକାରୀଙ୍କର ଫଟୋ ସଂଲଗ୍ନ ରହିଛି ସେହି ଫଟୋ ବୁନ୍ଦାଙ୍କର ନୁହେଁ। ସେହିପରି ବୁନ୍ଦାଙ୍କ ପୁଅ ସନିଆଙ୍କ ହିତାଧିକାରୀ ପଞ୍ଜୀକରଣ ସଂଖ୍ୟା ଓଆର୍୪୮୩୬୦୦୬। ଏହି ପଞ୍ଜୀକରଣ ନମ୍ବରକୁ ନେଇ ସରକାରୀ ୱେବ୍‌ସାଇଟ୍‌ରେ ଯାଞ୍ଚକଲେ ଘରର ଷ୍ଟାଟସ୍ ସମ୍ପୂର୍ଣ୍ଣ ଉଲ୍ଲେଖ ରହିଛି। ତେବେ ଯେଉଁ ଘର ସହ ହିତାଧିକାରୀ ସନିଆଙ୍କ ଫଟୋ ରହିଛି ତାହା ସମ୍ପୂର୍ଣ୍ଣ ଅଲଗା। ଘରଟି ସମ୍ପୂର୍ଣ୍ଣ ହୋଇଥିବା ଉଲ୍ଲେଖ କରାଯାଇଥିବା ବେଳେ କାନ୍ଥରେ ଲାଗିଥିବା ଫଳକରେ ହିତାଧିକାରୀଙ୍କ ନାମ ଦେବସନ ଖିଲ, ଗ୍ରାମ ଖିଲଗୁଡ଼ା ରହିଛି। ଏ ସମ୍ପର୍କରେ ଆବାସ ଦାୟିତ୍ୱରେ ଥିବା କୋର୍ଡିନେଟର ପ୍ରଫୁଲ୍ଲ ସାମନ୍ତରାୟଙ୍କୁ ପଚାରିବାରୁ ସେ କହିଲେ, ସେ ପିଇଓଙ୍କୁ ପଠାଇ ଏହାର ଅନୁଧାନ କରିବେ। ପରେ ଏ ଦିଗରେ ପଦକ୍ଷେପ ନିଆଯିବ।

## ଜିଲାପାଳଙ୍କୁ ଭେଟି ନ୍ୟାୟ ଅପେକ୍ଷାରେ ସନସାଇ

**ବୈପାରିଗୁଡ଼ା (ଡି.ଏନ୍.ଏ)**-ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଜାଲିଆତି ଯୋଗୁ ଘର କାମ ଅଧାରେ ଅଟକିଯିବା ନେଇ ପେନ୍ଦାପଡ଼ା ଗ୍ରାମର ସନସାଇ ହରିଜନ ୨ ସପ୍ତାହ ତଳେ କୋରାପୁଟ ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରିଥିଲେ। ଜିଲାପାଳ ତାଙ୍କୁ ଏକ ସପ୍ତାହ ସମୟ ଦେଇଥିଲେ। ମାତ୍ର ଏ ପର୍ଯ୍ୟନ୍ତ ତାଙ୍କ ସମସ୍ୟାର ସମାଧାନ ହୋଇନାହିଁ। ଫଳରେ ସନସାଇ ଭାଙ୍ଗିପଡ଼ିଛନ୍ତି। ୨୦୧୯-୨୦ରେ ତତ୍କାଳୀନ ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ ଗ୍ରାମ ରୋଜଗାର ସେବକ ତାଙ୍କଠାରୁ ଆବଶ୍ୟକ କାଗଜପତ୍ର ନେଇ ଆବାସ ତିଆରି କରିବାକୁ କହିଥିଲେ। ସେ ପୁରୁଣା ଘର ଭାଙ୍ଗି ସେହି ସ୍ଥାନରେ ପ୍ରଧାନମନ୍ତ୍ରୀ ଆବାସ ନିର୍ମାଣ କରୁଥିଲେ। ପ୍ରଥମ କିସ୍ତି ୨୦ ହଜାର ଓ ଦ୍ୱିତୀୟ କିସ୍ତି ୩୫ ହଜାର ଟଙ୍କା ପାଇଥିଲେ। ତେବେ ଛାତ ପକାଇବା ପୂର୍ବରୁ ତୃତୀୟ କିସ୍ତିର ୪୫ ହଜାର ଟଙ୍କା ପ୍ରଶାସନ ଦେବାକୁ ମନା କରୁଛି। କାରଣ ସେ ଯେଉଁ ଘର କରୁଛନ୍ତି ସେହି ଘର ତାଙ୍କର ନୁହେଁ। ସମାରୁ ହରିଜନ ନାମକ ଅନ୍ୟ ଜଣେ ବ୍ୟକ୍ତି ହେଉଛନ୍ତି ପ୍ରକୃତ ହିତାଧିକାରୀ। ଏବେ ସନସାଇ ବେଘର ହୋଇ ଗୁହାଳରେ ପରିବାର ଧରି ରହୁଛନ୍ତି। ଏ ସମ୍ପର୍କରେ ପୂର୍ବରୁ ଫେବୃୟାରୀ ୨୫ ଧରିତ୍ରୀରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଜାଲିଆତି ଖବର ପ୍ରକାଶ ପାଇଥିଲା। ପରେ ସନସାଇ ଜିଲାପାଳଙ୍କୁ ମାର୍ଚ୍ଚ ୨୫ରେ ଭେଟିବା ସମ୍ପର୍କିତ ଖବର ମଧ ପ୍ରକାଶ ପାଇଥିଲା।

## ଟଭାପଦର ଗ୍ରାମବାସୀଙ୍କ ସହ ଆଲୋଚନା କଲେ ବିଧାୟକ

କୋରାପୁଟ/ନାରାୟଣପାଟଣା, ୫।୪,(ସ୍ୱ.ପ୍ର/ଡି.ଏନ.ଏ.)

କୋରାପୁଟ ଜିଲାର ନାରାୟଣପାଟଣା ବ୍ଲକର ଦୁର୍ଗମ ଟଭାପଦର ଗ୍ରାମକୁ ସୋମବାର ଲକ୍ଷ୍ମୀପୁର ବିଧାୟକ ପ୍ରଭୁ ଜାନି ଗସ୍ତ କରି ଗ୍ରାମର ରାସ୍ତା, ପାନୀୟ ଜଳ ସହ ବିଭିନ୍ନ ସମସ୍ୟା ଉପରେ ଗ୍ରାମବାସୀଙ୍କ ସହ ଆଲୋଚନା କରିଛନ୍ତି। ନାରାୟଣପାଟଣା ବିଜାଘାଟି ପଞ୍ଚାୟତରେ ଥିବା ଟଭାପଦର ଗ୍ରାମରେ ଦୀର୍ଘଦିନ ହେଲା ବିଭିନ୍ନ ସମସ୍ୟା ରହିଥିବା ଜାଣି ବିଧାୟକ ଜାନି ସୋମବାର ଏହି ଗ୍ରାମକୁ ପରିଦର୍ଶନରେ ଆସିଥିଲେ। ଏହି ସମୟରେ ଜଣେ ଭିନ୍ନକ୍ଷମ ବ୍ୟକ୍ତି ଭତ୍ତା ପାଇନଥିବା ଜାଣି ଘଟଣା ସ୍ଥଳରେ ଏହି ସମସ୍ୟାର ସମାଧାନ କରିଥିଲେ। ତାଙ୍କୁ ନାଲକୋ ପକ୍ଷରୁ ଏକ ଘର ଯୋଗାଇ ଦେବା ପାଇଁ ନାଲକୋ କର୍ତ୍ତୃପକ୍ଷଙ୍କ ସହ ବିଧାୟକ ଆଲୋଚନା କରିଥିଲେ। ପରେ ସେଠାରେ ଆୟୋଜିତ ଏକ ଭଲିବଲ ପ୍ରତିଯୋଗିତାରେ ମୁଖ୍ୟଅତିଥିଭାବେ ଯୋଗଦେଇ ବିଜୟୀ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ନାରାୟଣପାଟଣା ଜିଲା ପରିଷଦ ସଦସ୍ୟ ଲଳିତ ନାରାୟଣ ପରିଡା, ବ୍ଲକ ସଭାପତି ଏସ. ଏଗି ନାରାୟଣ ଉପସ୍ଥିତ ଥିଲେ।

## ସୁନାବେଡ଼ା: ୫ ଶହୀଦ ପୋଲିସ କର୍ମଚାରୀଙ୍କ ପରିବାରକୁ ସମ୍ମାନିତ କଲେ ଡିଜିପି

କୋରାପୁଟ/ସୁନାବେଡା, ୪।୪(ସ୍ୱ.ପ୍ର)




ଡିଜିପି ଅଭୟ ରବିବାର ମାଲକାନଗିରି ଗସ୍ତ ସହ କୋରାପୁଟ ଗସ୍ତରେ ଯାଇ ସେଠାରେ ଏସ୍‌ପି ବରୁନ ଗୁଣ୍ଡୁପାଲ୍ଲିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଡିଜିପି ପଦକ ପ୍ରଦାନ ଉତ୍ସବରେ ଯୋଗଦେଇଛନ୍ତି। ହାଲ୍ ପରିସରସ୍ଥ ପ୍ରଶିକ୍ଷଣ ଓ ବିକାଶ ସଂସ୍ଥା ଗୃହରେ ଆୟୋଜିତ କାର୍ଯ୍ୟକ୍ରମରେ ଡିଜିପି ମୁଖ୍ୟଅତିଥିଭାବେ ଯୋଗଦେଇ ପୋଲିସ ବିଭାଗରେ ନିଷ୍ଠାପର ଭାବେ କାର୍ଯ୍ୟରତ ଅଧିକାରୀ ଓ କର୍ମଚାରୀଙ୍କୁ ଏବଂ କରୋନା କାଳରେ ସମ୍ମୁଖ ଯୋଦ୍ଧା ରୂପେ ଦାୟିତ୍ୱ ସମ୍ପାଦନା କରି ଶହୀଦ ହୋଇଥିବା ପୋଲିସ କର୍ମଚାରୀଙ୍କ ପରିବାରବର୍ଗଙ୍କୁ ସମ୍ମାନିତ କରିଛନ୍ତି। ମାଲକାନଗିରି ଜିଲା ପୋଲିସ ମାଓବାଦୀ ଦମନ କ୍ଷେତ୍ରରେ ବେଶ୍ ସଫଳତା ପାଇଛି। କୋରାପୁଟ ପୋଲିସ ଗଞ୍ଜେଇ ଚୋରା ଚାଲାଣ ରୋକିବାରେ ଭଲ ପଦକ୍ଷେପ ନେଉଥିବାରୁ ଡିଜିପି କର୍ମଚାରୀଙ୍କୁ ପ୍ରଶଂସା କରିଥିଲେ। ପୂର୍ବରୁ ଏହି ପଦକ ପ୍ରଦାନ ଉତ୍ସବ କେବଳ କଟକ ଓ ଭୁବନେଶ୍ୱରରେ ହେଉଥିଲା। ତାହା ଚଳିତବର୍ଷ ମାଲକାନଗିରି, କୋରାପୁଟ ଓ କନ୍ଧମାଳ ଜିଲାରେ ଆରମ୍ଭ ହୋଇଥିବା ଡିଜିପି କହିଥିଲେ। ଏହି ଅବସରରେ କରୋନାରେ ଶହୀଦ ହୋଇଥିବା ନୂଆପଡ଼ାର ଶଙ୍କର ଦାସ, କୃଷ୍ଣଚନ୍ଦ୍ର ମାଝି, କୋରାପୁଟର ପୀତବାସ ଧାରୁଆ, ସର୍ବେଶ୍ୱର ପ୍ରଧାନ ଓ ପ୍ରଫୁଲ୍ଲ କୁମାର ଖଣ୍ଡୁଆଳ ଆଦି ୫ ଶହୀଦ ପୋଲିସ ଅଧିକାରୀଙ୍କ ପରିବାରବର୍ଗଙ୍କୁ ସେ ଡିଜିପି ସେବା ପ୍ରଦାନ କରି ସମ୍ମାନିତ କରିଥିଲେ। ଏଥିସହ ୧୬ ଜଣ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କୁ ମଧ ଡିଜିପି ସମ୍ମାନିତ କରିଥିଲେ। ଏହି ୧୬ ଜଣଙ୍କ ମଧରେ ୧୦ ଜଣ ପୋଲିସ ଅଧିକାରୀ ନୂଆପଡ଼ା ଜିଲାରୁ ପ୍ରଶାନ୍ତ କୁମାର ପଟ୍ଟନାୟକ, ଦେବାଶିଷ ରାଉତ, କୋରାପୁଟରୁ ଧୀରେନ କୁମାର ବେହେରା, ସୁବାସ ଚନ୍ଦ୍ର ନାୟକ, ଆଦିତ୍ୟ ମହାକୁର, ରିଗନ କିଣ୍ଡୋ, ଗୁରୁଦେବ କର୍ମୀ, ସୁଦର୍ଶନ ଅଧିକାରୀ, ଦିଲୀପ କୁମାର ପ୍ରଧାନ, ଚିତ୍ତରଞ୍ଜନ ପ୍ରଧାନୀ, ରାୟଗଡ଼ାର ଶିବଶଙ୍କର ସାହୁ ରହିଛନ୍ତି। ଏଥିସହ ୫ ଜଣ କନଷ୍ଟେବଳ ମଧ ସମ୍ମାନିତ ହୋଇଥିବା ଜଣାପଡିଛି। କାର୍ଯ୍ୟକ୍ରମରେ ସୁନାବେଡା ଏସଡିପିଓ ନିରଞ୍ଜନ ବେହେରା, ଥାନା ଅଧିକାରୀ ଭୀମସେନ ନାୟକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ମଜୁରି ନ ଦେଇ ଠକୁଛନ୍ତି ଠିକାଦାର

### ଜିଲା ଶ୍ରମ ଅଧିକାରୀଙ୍କୁ ଭେଟିଲେ ଶ୍ରମିକ

ଜୟପୁର, ୫।୪ (ନି.ପ୍ର.)

କୋରାପୁଟ ଜିଲା ବୋରିଗୁମ୍ମା ବ୍ଲକ ସର୍ଗିଗୁଡା ପଞ୍ଚାୟତର ୧୫ ଜଣ ଶ୍ରମିକଙ୍କୁ ଆଣି ଜୟପୁର ବ୍ଲକ ଆମ୍ୱଗାଡା, ବିଜେ-୨ର ଠିକାଦାର ତୁଷାର ସାହୁ ବଡଦୁଲି ଗ୍ରାମରେ ପିଚୁ ରାସ୍ତା ନିର୍ମାଣ କାର୍ଯ୍ୟରେ ଲଗାଇଥିଲେ। ଶ୍ରମିକମାନେ ଏକ ସପ୍ତାହ ଧରି କାମ କରିବା ପରେ ସେମାନଙ୍କ ମଜୁରି ଦେବାକୁ ଟାଳଟୁଳ ନୀତି ଅବଲମ୍ବନ କରି ସେମାନଙ୍କୁ ୨ ମାସ ହେଲା ଠକି ଚାଲିଛନ୍ତି। ଏହାର ପ୍ରତିବାଦରେ ସମ୍ପୃକ୍ତ ଶ୍ରମିକମାନେ ସାମାଜିକ କର୍ମୀ ବି. ହରିବାବୁଙ୍କ ନେତୃତ୍ୱରେ ସୋମବାର ଜିଲା ଶ୍ରମ ଅଧିକାରୀ ପ୍ରସନ୍ନ ପାଣିଗ୍ରାହୀଙ୍କୁ ଭେଟିଛନ୍ତି। ଏହି ଅବସରରେ ଶ୍ରମିକ ଦଷ୍ଟୁ ଗୌଡ, ପାର୍ବତୀ ଗୌଡ, ଖିଲ ଗୌଡ, କମଳା ଗୌଡ, ଚମ୍ପା ଗୌଡ, କୁସୁମା ଗୌଡଙ୍କ ସମେତ ଅନ୍ୟମାନେ ପାଣିଗ୍ରାହୀଙ୍କୁ ଏକ ଦାବିପତ୍ର ଦେଇଛନ୍ତି। ସମ୍ପୃକ୍ତ ଠିକାଦାର ସେମାନଙ୍କୁ ମଜୁରି ନ ଦେବାର କରାଣ ବୁଝି ସେମାନେ ଯେପରି ସେମାନଙ୍କ ମଜୁରି ପାଇବେ ପଦକ୍ଷେପ ନିଆଯିବ ବୋଲି ପାଣିଗ୍ରାହୀ ପ୍ରତିଶ୍ରୁତି ଦେଇଛନ୍ତି।

## ବର୍ଦ୍ଧିତ ବିଦ୍ୟୁତ୍ ଶୁଳ୍କ ପ୍ରତ୍ୟାହାର ଦାବିରେ କଂଗ୍ରେସର ଧାରଣା




ଧାରଣାରେ ବସିଥିବା କଂଗ୍ରେସ କର୍ମକର୍ତ୍ତା ଓ କର୍ମୀ।

ମାଲକାନଗିରି,୫।୪(ଡି.ଏନ୍.ଏ.)

ବିଦ୍ୟୁତ୍ ଶୁଳ୍କ ବଢ଼ିବା ନେଇ ମାଲକାନଗିରି ଜିଲା କଂଗ୍ରେସ ପକ୍ଷରୁ ସୋମବାର ବିଦ୍ୟୁତ୍ କାର୍ଯ୍ୟାଳୟ ସମ୍ମୁଖରେ କର୍ମକର୍ତ୍ତାମାନେ ଧାରଣା ଦେଇଥିଲେ। ବିଦ୍ୟୁତ୍ ଶୁଳ୍କ ପ୍ରତି ୟୁନିଟ୍ ପିଛା ୩୦ ପଇସା ବୃଦ୍ଧିକରି ସାଧାରଣ ଲୋକଙ୍କ ଉପରେ ବିଭାଗ ବୋଝ ଲଦି ଦେଇଛି ବୋଲି କଂଗ୍ରେସ ଅଭିଯୋଗ କରିଛି। କରୋନା ମହାମାରୀରେ ଗରିବ ଓ ମଧବିତ୍ତ ଶ୍ରେଣୀର ଲୋକଙ୍କ ଆର୍ଥିକ ମାନଦଣ୍ଡ ଭାଙ୍ଗିଯାଇଥିବା ବେଳେ ଏପରି ବିଦ୍ୟୁତ୍ ଦର ବୃଦ୍ଧି ବୋଝ ଉପରେ ନଳିତାବିଡା ସଦୃଶ ହୋଇଛି। ଓଡ଼ିଶାରେ ଟାଟା ବିଦ୍ୟୁତ୍ ବିତରଣ ଦାୟିତ୍ୱ ହାତକୁ ନେବା ପରଠାରୁ ଏହି ଶୁଳ୍କ ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ତୁରନ୍ତ ପ୍ରତ୍ୟାହାର କରିବାକୁ କଂଗ୍ରେସ ଦାବି କରିଛି। ଏହି ଅବସରରେ ଏକ ଦାବିପତ୍ର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ଧାରଣାରେ ଜିଲା କଂଗ୍ରେସ କମିଟି ସଭାପତି ଗୋବିନ୍ଦ ପାତ୍ର, କାର୍ଯ୍ୟକାରୀ ସଭାପତି ରାମପ୍ରସାଦ ପଟ୍ଟନାୟକ, କାଲିମେଳା ବ୍ଲକ ଅଧକ୍ଷ ମାଳା ମାଡ଼ି, ପଦ୍ମ ପାଙ୍ଗୀ, ପି. କେଶୁ ରାଓ, ଜି. ଶ୍ରୀନିବାସ ରାଓ, ମହିଳା ସଭାନେତ୍ରୀ କମଳା ବରାଳଙ୍କ ସହ ଶତାଧିକ କଂଗ୍ରେସ କର୍ମୀ ଅଂଶଗ୍ରହଣ କରିଥିଲେ।

## ପାଣି ପାଇଁ ହାଣ୍ଡି ମାଠିଆ ଧରି ଧାରଣା

ଚିତ୍ରକୋଣ୍ଡା,୫।୪(ଡି.ଏନ୍.ଏ.)-



ଗ୍ରାମବାସୀ ହାଣ୍ଡି ମାଠିଆ ଧରି ପ୍ରତିବାଦ କରୁଛନ୍ତି।

**ଚୁଆଁ ପାଣି ଉପରେ ନିର୍ଭର ଗ୍ରାମବାସୀ**

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ୍ କୁରୁମାନୁର ପଞ୍ଚାୟତ ଅଧୀନ କୁରୁମାନୁର ଗ୍ରାମରେ ଜଳ ସଙ୍କଟ ଦେଖାଦେଇଛି। ଗାଁରେ ୭୫ ପରିବାରର ୪ଶହରୁ ଉର୍ଦ୍ଧ୍ୱ ଲୋକ ବସବାସ କରୁଛନ୍ତି। ଗ୍ରାମରେ ୮ ଗୋଟି ନଳକୂଅ ଓ ୩ ଟି ସୋଲାର୍ ପାଣି ପଏଣ୍ଟ ବସିଛି। ହେଲେ ଏ ସବୁ ଅଚଳ ହୋଇପଡ଼ିଛି। ଗୋଟିଏ ସୋଲାର ପଏଣ୍ଟ ଠିକ୍ କରାଯାଇଥିଲେ ମଧ ତାହା ସମସ୍ତଙ୍କ ଆବଶ୍ୟକତା ପୂରଣ କରିପାରୁନି। ଫଳରେ କୁରୁମାନୁର ଗ୍ରାମବାସୀ ୨ କି.ମି. ଚାଲି ଚାଲି ଯାଇ ଜଙ୍ଗଲ ମଧରେ ଥିବା ଚୁଆରୁ ପାଣି ପାଣି ପିଉଛନ୍ତି। ଏ ନେଇ ବାରମ୍ବାର ପ୍ରଶାସନ ଅଧିକାରୀଙ୍କୁ ଜଣାଇଥିଲେ ମଧ ସମସ୍ୟାର ସମାଧାନ ହେଉନି। ତେଣୁ ସୋମବାର ଗ୍ରାମର ଶତାଧିକ ମହିଳା ଓ ପୁରୁଷ ହାଣ୍ଡି, ମାଠିଆ ଧରି କୁରୁମାନୁର ଠାରୁ ଚିତ୍ରକୋଣ୍ଡା ପର୍ଯ୍ୟନ୍ତ ପ୍ରାୟ ୩୦ କି.ମି. ବାଟ ଆସି ଚିତ୍ରକୋଣ୍ଡା ବ୍ଲକ୍ ସମ୍ମୁଖରେ ଧରଣାରେ ବସିଥିଲେ।

କୁରୁମାନୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ନାଗେଶ୍ୱର ସେଠୀଙ୍କ ନେତୃତ୍ୱରେ ଗ୍ରାମବାସୀ ପାଣି ଦିଅ ନଚେତ ଆମେ ଯିବୁ ନାହିଁ ବୋଲି ଅଡି ବସିଥିଲେ। ଚିତ୍ରକୋଣ୍ଡା ବିଡିଓଙ୍କୁ ଭେଟି ସମସ୍ୟା ଜଣାଇବାକୁ ଚାହିଁଥିଲେ ମଧ ବିଡିଓ ଅନ୍ୟ କାମରେ ଯାଇଥିବାରୁ ତାହା ହୋଇପାରି ନ ଥିଲା। ଚିତ୍ରକୋଣ୍ଡା ବ୍ଲକ୍ ଜିପିଇଓ ହେମନ୍ତ କୁମାର ଭୂୟାଁ, ରାଲେଗଡ଼ା ଓ ଚିତ୍ରକୋଣ୍ଡା ପିଇଓ ବାଳକୃଷ୍ଣ ଦେହୁରୀ, ଆରଡବ୍ଲ୍ୟୁଏସ୍ଏସ୍ ଯନ୍ତ୍ରୀ ଶଶୀଭୂଷଣ ନାୟକ ଲୋକଙ୍କୁ ବୁଝାଶୁଝା କରିବା ସହ ଉଚ୍ଚ ଅଧିକାରୀଙ୍କୁ ଜଣାଇ ଶୀଘ୍ର ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେବାପରେ ଧାରଣା ହଟିଥିଲା। ପ୍ରଶାସନିକ ଅଧିକାରୀଙ୍କ କହିବା ହେଲା ଉକ୍ତ ଗ୍ରାମରେ ସୋଲାର ପଏଣ୍ଟ ଥିଲେ ମଧ ତାହା ସମସ୍ତଙ୍କ ପାଇଁ ଯଥେଷ୍ଟ ନୁହେଁ। ତେଣୁ ଶୀଘ୍ର ପାଣିର ସୁବିଧା କରାଯିବ ବୋଲି କହିଛନ୍ତି।

## ଅନ୍ଧବିଶ୍ୱାସରୁ ଜୀବନ ଗଲା

ପଡିଆ,୫।୪(ଡି.ଏନ.ଏ.)

ଏବେ ମଧ ଆଦିବାସୀ ଅଧୁଷିତ ଅଞ୍ଚଳରେ ଗୁଣିଆଙ୍କୁ ବିଶ୍ୱାସ କରୁଛନ୍ତି ଲୋକେ। ଫଳରେ ଅକାଳରେ ଅନେକ ଜୀବନ ଝରିଯାଉଛି। ମାଲକାନଗିର ଜିଲା ପଡିଆ ବ୍ଲକ ଅନ୍ତର୍ଗତ ମାଟେରୁ ପଞ୍ଚାୟତରେ ଏପରି ଏକ ଘଟଣା ନଜରକୁ ଆସିଛି। ଏହି ପଞ୍ଚାୟତର ଦୁଲା ମାଡକାମି (୪୦) ଦୀର୍ଘ ଏକ ମାସ ହେଲା ଜ୍ୱରରେ ପିଡିତ ଥିଲେ। ପରିବାର ଲୋକେ ଗୁଣିଆ ଡାକି ତାଙ୍କ ଚିକିତ୍ସା କରିଥିଲେ। ଏଥିରେ ତାଙ୍କ ଅବସ୍ଥା ଗୁରୁତର ହୋଇପଡିବାରୁ ପୋଡାଶୀଙ୍କ ସହାୟତାରେ ଦୁଲା ପଡିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସୋମବାର ଭର୍ତ୍ତି ହୋଇଥିଲେ। ତାଙ୍କର ଚିକିତ୍ସା ଚାଲିଥିବା ବେଳେ ଅବସ୍ଥା ଗୁରୁତର ହୋଇପଡିଥିଲା। ତାଙ୍କୁ ଜିଲା ଚିକିତ୍ସାଳୟକୁ ସ୍ଥାନାନ୍ତର ଲାଗି ବ୍ୟବସ୍ଥା ହେଉଥିବା ବେଳେ ଦୁଲାଙ୍କ ମୃତ୍ୟୁ ହୋଇଥିଲା।

## ଆନ୍ଧ୍ର-ଓଡ଼ିଶା ସୀମାନ୍ତ ଅଞ୍ଚଳରେ ଯୋଗାଯୋଗ ବ୍ୟବସ୍ଥା ନେଇ ଆଲୋଚନା



ବୈଠକରେ ଅଧିକାରୀମାନେ ଆଲୋଚନା କରୁଛନ୍ତି।

କୋରାପୁଟ,୫।୪,(ସ୍ୱ.ପ୍ର.)

କୋରାପୁଟ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସମ୍ମିଳନୀ କକ୍ଷରେ ଜଲାପୁଟ ଠାରେ ଆନ୍ଧ୍ର-ଓଡ଼ିଶା ସୀମାନ୍ତ ଅଞ୍ଚଳରେ ଯୋଗାଯୋଗ ବ୍ୟବସ୍ଥା ନେଇ ଆନ୍ଧ୍ର ପ୍ରଦେଶ ଶକ୍ତି ଉତ୍ପାଦନ ଆୟୋଗ (ଏପିଜେନକୋ) କର୍ମକର୍ତ୍ତା, ଜିଲା ପ୍ରଶାସନ ଓ ନିର୍ବାଚିତ ଲୋକପ୍ରତିନିଧିଙ୍କ ମଧ୍ୟରେ ସୋମବାର ଆଲୋଚନା ହୋଇଛି। ଅତିରିକ୍ତ ଜିଲାପାଳ ଦେବେନ କୁମାର ପ୍ରଧାନ ଅଧକ୍ଷତା କରିଥିଲେ। ଏଥିରେ ବିଧାୟକ ରଘୁରାମ ପଡାଲ, ରାଜ୍ୟ ବିହନ ନିଗମ ଅଧକ୍ଷ ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ, ପଟ୍ଟାଙ୍ଗି ବିଧାୟକ ପ୍ରୀତମ ପାଢୀ, ଉପଜିଲାପାଳ ଲଳିତ କୁମାର କହଁର, ଏପିଜେନକୋ ମାଛକୁଣ୍ଡ ପ୍ରକଳ୍ପର ଅଧୀକ୍ଷଣ ଯନ୍ତ୍ରୀ କେଭି ଏନ. ରାଓଙ୍କ ସହ ଅଧିକାରୀମାନେ ଉପସ୍ଥିତ ଥିଲେ। ଜଲାପୁଟ ବଜାରରୁ ଆନ୍ଧ୍ର ସୀମାନ୍ତ ପର୍ଯ୍ୟନ୍ତ ଯାଇଥିବା ରାସ୍ତାର ଉନ୍ନତୀକରଣ ଦୀର୍ଘ ବର୍ଷ ଧରି ହେଉ ନ ଥିବାରୁ ଏହି ରାସ୍ତାକୁ ଓଡିଶା ସରକାରଙ୍କୁ ହସ୍ତାନ୍ତର କରିବାକୁ ପ୍ରସ୍ତାବ ଗୃହୀତ ହୋଇଥିଲା। ଏହା ହସ୍ତାନ୍ତର ପରେ କାର୍ଯ୍ୟ ଆରମ୍ଭ ହେବ। ଏଥିସହ ମାଛକୁଣ୍ଡ ପ୍ରକଳ୍ପର ପାରିପାର୍ଶ୍ୱିକ ଗ୍ରାମରେ ପାନୀୟ ଜଳ ସମସ୍ୟା ସୁଧାରିବା ନେଇ ଏପିଜେନକୋ କାର୍ଯ୍ୟ କରିବାକୁ ଆଲୋଚନା ହୋଇଥିଲା। ପାରିପାର୍ଶ୍ୱିକ ବିକାଶ ପାଇଁ ଏପିଜେନକୋ ଓଡିଶା ସରକାରଙ୍କୁ ବାର୍ଷିକ ୨ କୋଟି ଟଙ୍କା ପ୍ରଦାନ କରିବାକୁ ବିଧାୟକ ପାଢୀ ପ୍ରସ୍ତାବ ଦେଇଥିଲେ।

## ସ୍ୱାଭିମାନ ଅଞ୍ଚଳରେ ଏମ୍‌ପି

ଚିତ୍ରକୋଣ୍ଡା, ୫।୪(ଡି.ଏନ.ଏ.)

ସୋମବାର ଲାଲଗଡରେ ପ୍ରଥମ କରି ପାଦ ଦେଇଛନ୍ତି ଏମ୍‌ପି ରମେଶ ଚନ୍ଦ୍ର ମାଝି। ଉକ୍ତ ଅଞ୍ଚଳକୁ ଏହା ତାଙ୍କର ପ୍ରଥମ ଗସ୍ତ। ଏମ୍‌ପି ମାଝି, ମାଲକାନଗିରି ଜିଲା ଆଦିବାସୀ ବିକାଶ ପରିଷଦର ଅଧକ୍ଷ ମାନସ ମାଡକାମି, ବିଡିଓ ଟି.ପଦ୍ମନାଭ ଦୋରା ପ୍ରମୁଖ ସ୍ୱାଭିମାନ ଅଞ୍ଚଳର ଜୋଡ଼ାମ୍ବ, ଗୋରାସେତୁ,ପଣସପୁଟ, ଦରଲାବେଢା ଗସ୍ତ କରି ବିକାଶମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ଲୋକଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଗୋରାସେତୁ, ପଣସପୁଟଠାରେ ଏମ୍‌ପି ମାଝିଙ୍କୁ ଲୋକେ ଢେମସା ନାଚି ଏକ ବିଶାଳ ଶୋଭାଯାତ୍ରାରେ ପାଛୋଟି ନେଇଥିଲେ। ଏହି ଅବସରରେ ପଣସପୁଟଠାରେ ୨୧ ଖଣ୍ଡ ଗ୍ରାମର ଗ୍ରାମବାସୀଙ୍କ ପକ୍ଷରୁ ଏକ ଦାବି ପତ୍ର ଏମ୍‌ପିଙ୍କୁ ପ୍ରଦାନ କରାଯାଇଥିଲା। ପଣସପୁଟରେ ଏକ ମେଡିକାଲ, ବ୍ୟାଙ୍କ ଖୋଲିବା ଏବଂ କଲେଜ ଖୋଲିବା, ପ୍ରତି ଗ୍ରାମରେ ନଳକୂପ, ସଲଗମ ଫୁଟଠାରେ ପାହାଡର ଝରଣା ଜଳକୁ ଅଟକାଇ ଜଳସେଚନ ପ୍ରକଳ୍ପ କରିବା ଲାଗି ଦାବିପତ୍ରରେ ଉଲ୍ଲେଖ ରହିଛି।



ଗ୍ରାମବାସୀଙ୍କ ସହ ଏମ୍‌ପି ରମେଶ ମାଝୀ ଆଲୋଚନା କରୁଛନ୍ତି।

## ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି

ମାଲକାନଗିରି,୫।୪ (ଡି.ଏନ.ଏ)

ଶନିବାର ମାଲକାନଗିରି ସୀମାନ୍ତ ଛତିଶଗଡର ବିଜାପୁରଠାରେ ପୋଲିସ ମାଓବାଦୀ ଗୁଳି ବିନିମୟ ହୋଇଥିଲା। ଏଥିରେ ଛତିଶଗଡର ୨୨ ଯବାନ ଶହୀଦ୍ ହୋଇଥିଲେ। ଏହି ଶହୀଦ୍ ଯବାନଙ୍କୁ ସୋମବାର ସହରବାସୀଙ୍କ ପକ୍ଷରୁ ସୁବାସ ବୋଷ ଛକଠାରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ସେମାନଙ୍କ ଆତ୍ମାର ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ବୀର ଯବାନ ଅମର ରହେ ସ୍ଲୋଗାନରେ ଚତୁଃପାର୍ଶ୍ୱ ମୁଖରିତ ହୋଇଥିଲା। ମାଲକାନଗିରି ଏସଡିପିଓ ଅଂଶୁମାନ ଦ୍ୱିବେଦୀ, ଆଇଆଇସି ରାମ ପ୍ରସାଦ ନାଗ୍, ଟିମ୍ ଉଇକେନ୍‌ର ସଦସ୍ୟଙ୍କ ସହ ସହରବାସୀ ଉପସ୍ଥିତ ଥିଲେ।

## ପକ୍ଷୀଙ୍କ ସୁରକ୍ଷା ଚିନ୍ତାରେ ଟିମ୍ ୱି କ୍ୟାନ୍

ମାଲକାନଗିରି,୫।୪(ଡି.ଏନ୍.ଏ.)



ଟିମ୍ ୱି କ୍ୟାନ୍ ସଦସ୍ୟମାନେ ପଶୁପକ୍ଷୀଙ୍କୁ ଖାଦ୍ୟ ଓ ଜଳ ଦେବାକୁ ତିଆରି କରିଥିବା ଘର।

**ଟିଣଡବାରେ ଦେଉଛନ୍ତି ଖାଦ୍ୟ, ପାନୀୟ ଜଳ**

ରାଜ୍ୟରେ ଗ୍ରୀଷ୍ମ ପ୍ରଭାବ ଜାରି ରହିଛି। ବିଭିନ୍ନ ସହରର ତାପମାତ୍ରା ୪୦ ଡିଗ୍ରୀରୁ ଉର୍ଦ୍ଧ୍ୱକୁ ଟପିଛି। ଜନସାଧାରଣଙ୍କଠାରୁ ଆରମ୍ଭକରି ଜୀବଜନ୍ତୁମାନେ ମଧ କଷ୍ଟ ଭୋଗୁଛନ୍ତି। ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ପଶୁପକ୍ଷୀଙ୍କୁ ପାନୀୟଜଳ ଓ ଖାଦ୍ୟ ଯୋଗାଇଦେବା ପାଇଁ ନିଆରା ପଦକ୍ଷେପ ନେଇଛି ମାଲକାନଗିରି ଯୁବ ସଙ୍ଗଠନ ଟିମ୍ ୱି କ୍ୟାନ୍। ଟିମ୍ ସଦସ୍ୟମାନେ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଜିଲାର ବିଭିନ୍ନ ସ୍ଥାନରେ ପକ୍ଷୀମାନଙ୍କ ପାଇଁ ତେଲ ଟିଣ ଡବା କିଣି ତାକୁ କାଟି ସେଥିରେ ପାନୀୟଜଳ ଓ ଖାଦ୍ୟ ଭରି ରଖୁଛନ୍ତି। ସେମାନେ ନିଜସ୍ୱ ଉଦ୍ୟମ ଓ ନିଜସ୍ୱ ଖର୍ଚ୍ଚରେ ଏଭଳି କାର୍ଯ୍ୟ କରୁଥିବା ଜଣାପଡିଛି। ଜିଲା ସଦର ମହକୁମା ଷ୍ଟାଡିୟମ, ବସ୍‌ଷ୍ଟାଣ୍ଡ, ଦୈନିକ ବଜାର ଓ ଅନ୍ୟାନ୍ୟ ପକ୍ଷୀ ବହୁଳ ସ୍ଥାନଗୁଡ଼ିକରେ ଏହି ଟିଣଡବାମାନ ଲଗାଇଛନ୍ତି। ଟିମ୍ ଉଇ କ୍ୟାନ୍‌ର ସଦସ୍ୟମାନଙ୍କ ଏଭଳି ପ୍ରୟାସ ପକ୍ଷୀ ଓ ବିଭିନ୍ନ ଚଢ଼େଇଙ୍କୁ ସବୁଦିନ ଖାଦ୍ୟ ଏବଂ ପାନୀୟ ଜଳ ମିଳିପାରୁଛି। ସଙ୍ଗଠନର ଏଭଳି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି।

